# ସଚେତନତା ଯୋଗୁ ଆର୍‌ଏଚ୍ ଅସାମଞ୍ଜସ୍ୟତା ଓଡ଼ିଶାରେ ହ୍ରାସ ପାଉଛି

**କଟକ :** କେତେକ ଗର୍ଭବତୀଙ୍କଠାରେ ଆର୍‌ଏଚ୍ ଅସାମଞ୍ଜସ୍ୟତା ଯୋଗୁ ଗର୍ଭବତୀଙ୍କଠାରେ ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ସଚେତନତା ବୃଦ୍ଧି ପାଇବାରେ ଲାଗିଛି । ଓଡ଼ିଶାର ସହରାଂଚଳରେ ଆଇସୋ ଇମ୍ୟୁନାଇଜେଶନ୍‌ର ପ୍ରସାର ଦ୍ୱାରା ଏଭଳି ଘଟଣା ୫ ପ୍ରତିଶତ ହ୍ରାସ ପାଇଛି । ପୂର୍ବରୁ ଏହା ଦୁଇ ଅଙ୍କ ବିଶିଷ୍ଟ ଥିଲା । ଗର୍ଭବତୀଙ୍କ କ୍ଷେତ୍ରରେ ଆର୍‌ଏଚ୍ ଟେଷ୍ଟ୍‌କୁ ବାଧ୍ୟତାମୂଳକ କରାଯାଇଛି । ଗର୍ଭପାତ ହୋଇଥାଏ । ଏହା ସହିତ ନବଜାତ ଶିଶୁଠାରେ ଗୁରୁତର ରକ୍ତହୀନତା, ସ୍ନାୟୁବିକ ସମସ୍ୟା ଆଦି ହେବାର ଆଶଙ୍କା ରହିଥାଏ । ଆର୍‌ଏଚ୍ ଫ୍ୟାକ୍ଟର ଟେଷ୍ଟ୍ ନ କରାଗଲେ କେବଳ ଶିଶୁ ନୁହେଁ ଆର୍‌ଏଚ୍ ନେଗେଟିଭ୍ ମା'ଠାରେ ମଧ୍ୟ ରକ୍ତ ସମ୍ପର୍କିତ ସମସ୍ୟା ସୃଷ୍ଟି ହୋଇଥାଏ । ଏସମ୍ପର୍କରେ କଟକସ୍ଥିତ ଗ୍ୟାଷ୍ଟ୍ରୋଏଂଟ୍ରୋଲୋଜି ଏବଂ ଗାଇନେକୋଲୋଜି ଲାଇଫ୍ ଇନଷ୍ଟିଚ୍ୟୁଟର ଯୁଗ୍ମ ନିର୍ଦ୍ଦେଶକ ଡ.ସଙ୍ଘମିତ୍ରା ଦାଶ କୁହନ୍ତି, ଓଡ଼ିଶାରେ ସ୍ୱାମୀମାନେ ଗର୍ଭବତୀଙ୍କଠାରେ ଦେଖାଦେଉଥିବା ଆର୍‌ଏଚ୍ ଆସାମଞ୍ଜସ୍ୟତା ସମ୍ପର୍କରେ ଭଲଭାବେ ଅବଗତ ହେବାରେ ଲାଗିଛନ୍ତି । ଫଳରେ ଏଭଳି ସମସ୍ୟା ଗତ କିଛି ବର୍ଷ ଧରି ରାଜ୍ୟରେ ୫ ପ୍ରତିଶତରେ ପହଂଚିଛି । ଓ-ନେଗେଟିଭ୍, ଏ-ନେଗେଟିଭ୍, ବି-ନେଗେଟିଭ୍ ରକ୍ତ ଥିବା ଆର୍‌ଏଚ୍-ନେଗେଟିଭ୍ ମହିଳା ଓ-ପଜିଟିଭ୍, ଏ-ପଜିଟିଭ, ବି-ପଜିଟିଭ୍ ରକ୍ତ ଥିବା ଆର୍‌ଏଚ୍-ପଜିଟିଭ୍ ଗର୍ଭଧାରଣ କଲେ ସମସ୍ୟା ସୃଷ୍ଟି ହୋଇଥାଏ । ଆର୍‌ଏଚ୍



ଫ୍ୟାକ୍ଟରକୁ ରେହସସ୍ ଫ୍ୟାକ୍ଟର କୁହାଯାଇଥାଏ । ଆର୍‌ଏଚ୍ ଫାକ୍ଟର ଏକ ଜେନେଟିକାଲି ଇନହେରିଟେଡ୍ ପ୍ରୋଟିନ୍ । ଯାହାକି ରେଡ୍ ବ୍ଲଡ୍ ସେଲର ପୃଷ୍ଠଭାଗରେ ରହିଥାଏ । ଯେଉଁମାନଙ୍କଠାରେ ଏହି ପ୍ରୋଟିନ୍ ରହିଥାଏ ସେମାନଙ୍କୁ ଆର୍‌ଏଚ୍-ପଜିଟିଭ୍ କୁହାଯାଇଥାଏ । ଯେଉଁମାନଙ୍କଠାରେ ଏହା ନ ଥାଏ ସେମାନଙ୍କୁ ଆର୍‌ଏଚ୍-ନେଗେଟିଭ୍ କୁହାଯାଇଥାଏ । ଆର୍‌ଏଚ୍-ନେଗେଟିଭ୍ ମହିଳା ଆର୍‌ଏଚ୍-ପିଜିଟିଭ୍ ଗର୍ଭଧାରଣ କଲେ ସମସ୍ୟା ସୃଷ୍ଟି ହୋଇଥାଏ । ମା' ଶରୀର ଏଭଳି ଭ୍ରୁଣକୁ ଏକ ବାହ୍ୟ ପ୍ରୋଟିନ୍ ଭାବେ ଗ୍ରହଣ କରି ଏହା ବିରୋଧରେ ଆଂଟିବଡ଼ି ସୃଷ୍ଟି କରିଥାଏ । ଆଂଟିବଡ଼ି ଗର୍ଭନାଳ ଅତିକ୍ରମ କରି ଭ୍ରୁଣର ବ୍ଲଡ୍ ସେଲ୍‌ର ଆର୍‌ଏଚ୍ ଫ୍ୟାକ୍ଟର ଉପରେ ଆକ୍ରମଣ କରିଥାଏ । ଫଳରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଥାଏ । ଆର୍‌ଏଚ୍ ଅସାମଞ୍ଜସ୍ୟତା ଚିକିତ୍ସା ଦୀର୍ଘ ଦିନ ଧରି ଜାରି ରହିଥାଏ । ଇନଭାସିଭ୍ ପଦ୍ଧତି ସହିତ ଏବେ ନନ୍ ଇନଭାସିଭ୍ ପ୍ରଣାଳୀ ଏକ୍ଷେତ୍ରରେ ସମ୍ପନ୍ନ କରାଯାଉଛି । ପ୍ରଥମେ ମା'ଙ୍କର ବ୍ଲଡ୍ ଗ୍ରୁପ୍ ପରୀକ୍ଷା କରାଯାଇଥାଏ । ସ୍ୱାମୀ-ସ୍ତ୍ରୀଙ୍କର ଏହି ପରୀକ୍ଷା ମଧ୍ୟ କରାଯାଇଥାଏ । ମା' ପଜିଟିଭ୍ ଥିଲେ ସ୍ୱାମୀଙ୍କର ପରୀକ୍ଷାର ଆବଶ୍ୟକତା ନ ଥାଏ । ଯଦି ଉଭୟ ନେଗେଟିଭ୍ ତେବେ ଭବିଷ୍ୟତରେ କୌଣସି ଅସୁବିଧା ସୃଷ୍ଟି ହୋଇ ନ ଥାଏ । ଯଦି ସ୍ୱାମୀ ପଜିଟିଭ୍ ଏବଂ ମା' ନେଗେଟିଭ୍ ଥାନ୍ତି ତେବେ ଗର୍ଭଧାରଣର ୧୨ ସପ୍ତାହରେ ଆଇସିଟି( ଇନଡାଇରେକ୍ଟ କୋମ୍ବୋସ୍ ଟେଷ୍ଟ୍) କରାଯାଇଥାଏ । ୨୮ ସପ୍ତାହରେ ମଧ୍ୟ ଏହା କରାଯାଇଥାଏ । ଆଇସିଟି ନେଗେଟିଭ୍ ଆସିଲେ ଆଂଟି-ଡି ଇମ୍ୟୁନୋଗ୍ଲୋବୁଲିନ୍ ପ୍ରଦାନ କରାଯାଇଥାଏ । ଶିଶୁ ଜନ୍ମ ପରେ ମଧ୍ୟ ଏହାର ପ୍ରୟୋଗ କରାଯାଇଥାଏ । ସେହିପରି ଆମିନୋସେଂଟେସିସ୍ ସହିତ ଫ୍ରି ଫାଟାଲ ଡିଏନ୍ଏ ଟେଷ୍ଟିଂ, ଟୋଟାଲ ଆଂଟିବଡ଼ି ଆସାୟେ, ଆଂଟିବଡ଼ି ଟିଟ୍ରେ, ଡପଲର୍ ଅଲ୍ଟ୍ରାସାଉଣ୍ଡ୍ ଅଫ୍ ଭ୍ରୁଣ, କାର୍ଡିଓ-ଟୋକୋଗ୍ରାଫି, କୋରଡୋସେଂଟେସିସ୍, ଅଲ୍ଟ୍ରାୟୁଟ୍ରିନ୍ ଟ୍ରାନ୍ସଫ୍ୟୁଜନ ଆଦି କରାଯାଇଥାଏ । ଏଭଳି ଅସାମଞ୍ଜସ୍ୟତା କ୍ଷେତ୍ରରେ ଗର୍ଭସ୍ଥ ଶିଶୁର ବହୁବିଧ ଅଙ୍ଗ ଅକାମୀ ହୋଇଯାଇଥାଏ । ଆରବିସି ଲଗାତାର ନଷ୍ଟ ହେବା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥାଏ । ତେବେ ଠିକ୍ ସମୟରେ ଏହାର ଉପଯୁକ୍ତ ଚିକିତ୍ସା ଦ୍ୱାରା ନିରାକରଣ ସମ୍ଭବ ହୋଇ ପାରିଥାଏ ।